## ସଂକ୍ଷେପରେ

### ଛାତ୍ରୀଙ୍କ ବଳାତ୍କାର ଭିଡିଓ ଭାଇରାଲ ଘଟଣା
## ଅଭିଯୁକ୍ତ ଛାତ୍ର କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୧୩।୩:** ଜଣେ ଛାତ୍ରୀଙ୍କ ବଳାତ୍କାର ଭିଡିଓ ଭାଇରାଲ ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ସମ୍ପୃକ୍ତ ଛାତ୍ରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ଗ୍ରାମର ବିଷ୍ଣୁ ବେହେରା (୨୨)। ସେ ଜଣେ ଆଇଟିଆଇ ଛାତ୍ର ବୋଲି ପୋଲିସ କହିଛି। ମାମଲା ନମ୍ବର ୫୮/୨୦ରେ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବିଷ୍ଣୁ ଘଟଣା ବେଳେ ବ୍ୟବହାର କରିଥିବା ମୋବାଇଲ ଫୋନ ଓ ପ୍ୟାଣ୍ଟ, ଶାର୍ଟ ଜବତ କରିଛି। ଅନ୍ୟପଟେ ଧାରା ୧୬୪ରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାରୁ ପ୍ରକାଶ, ବିଷ୍ଣୁ ବ୍ରହ୍ମପୁରରେ ଏକ ଘର ଭଡା ନେଇ ଆଇଟିଆଇ କରୁଥିଲେ। ଜଣେ ଛାତ୍ରୀଙ୍କୁ ସେ ରହୁଥିବା ଘରକୁ ଆଣି ତାଙ୍କ ସହ ଦୈହିକ ସମ୍ପର୍କ ରଖିଥିଲେ। ଛାତ୍ରୀ ଜଣକ ଏହାର ପ୍ରତିବାଦ କରିବାରୁ ବିଷ୍ଣୁ ତାଙ୍କୁ ଧମକଚମକ ଦେବା ସହ ଉକ୍ତ ଭିଡିଓ ଭାଇରାଲ କରିଥିଲେ। ପରେ ପୀଡିତାଙ୍କ ମା' ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

### ଗଞ୍ଜାମ ଓକିଲ ସଂଘ ନିର୍ବାଚନ: ସମସ୍ତ ପ୍ରାର୍ଥୀପତ୍ର କାଏମ

**ବ୍ରହ୍ମପୁର ଅଫିସ,୧୩।୩:** ଗଞ୍ଜାମ ଓକିଲ ସଂଘ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ଦାଖଲ ହୋଇଥିବା ପ୍ରାର୍ଥୀପତ୍ର ପ୍ରତ୍ୟାହାର ନିମନ୍ତେ ଶୁକ୍ରବାର ଦିନ ଧାର୍ଯ୍ୟ ହୋଇଥିଲା। ଶୁକ୍ରବାର କୌଣସି ପ୍ରାର୍ଥୀପତ୍ର ପ୍ରତ୍ୟାହାର ହୋଇ ନ ଥିଲା। ଫଳରେ ସଭାପତି ପଦ ନିମନ୍ତେ ୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସମ୍ପାଦକ ପାଇଁ ୩, ଉପସଭାପତି ୬ ଓ ଯୁଗ୍ମ ସମ୍ପାଦକ ପାଇଁ ୨ ଜଣ ଗତ ୫ ଓ ୬ ତାରିଖ ଦୁଇଦିନରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଶୁକ୍ରବାର ୧୩ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଶନିବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଓ ବାଲାଟ ନମ୍ବର ପ୍ରକାଶ କରାଯିବ ବୋଲି ନିର୍ବାଚନ ଅଧିକାରୀ ମହାପାତ୍ର କହିଛନ୍ତି। ଆସନ୍ତା ୨୮ ତାରିଖ ସକାଳ ୮ ଟା ରୁ ଅପରାହ୍ନ ୨ ଟା ଯାଏ ଭୋଟ ଗ୍ରହଣ କରାଯିବ। ସେହିପରି ଅପରାହ୍ନ ୩ ଟାରୁ ଭୋଟ ଗଣତି ଆରମ୍ଭ ହେବ ବୋଲି ସେ କହିଛନ୍ତି।

### ୨୫ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**ବ୍ରହ୍ମପୁର ଅଫିସ,୧୩।୩:** ବ୍ରହ୍ମପୁର ମହାନଗର ନିଗମ ପରିସରରେ ଜନ ଅଭିଯୋଗ ଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ୨୫ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୧୨ ଲିଖିତ ଅଭିଯୋଗ ଦାଖଲ ହୋଇଥିବା ବେଳେ ଅନ୍ୟ ୧୩ ମୌଖିକ ଅଭିଯୋଗର ଜିଲାପାଳ ଶୁଣାଣି କରିଥିଲେ। ଅଭିଯୋଗପତ୍ରଗୁଡିକ ମଧ୍ୟରେ ରାସ୍ତା, ଡ୍ରେନ୍ ଓ ଗୃହ ପ୍ରଦାନ ସମ୍ପର୍କିତ ଅଭିଯୋଗ ଦାଖଲ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବିଏମ୍‌ସି ଡେପୁଟି କମିଶନର ରୋମାଞ୍ଚଳ ଖମାରୀ, ଡେପୁଟି କମିଶନର ଆଶୁତୋଷ ସାମଲ ଉପସ୍ଥିତ ଥିଲେ।

# ମହିଳା ବିଜେଡି ସମ୍ମିଳନୀ ସ୍ଥଗିତ

**ବ୍ରହ୍ମପୁର ଅଫିସ,୧୩।୩**

ଗଞ୍ଜାମ ଜିଲାରେ ବିଜୁ ଜନତା ଦଳର ବିଭିନ୍ନ କାର୍ଯ୍ୟକ୍ରମ ଶୁକ୍ରବାରରୁ ଚଳିତ ମାସ ଶେଷ ପର୍ଯ୍ୟନ୍ତ ବାତିଲ କରାଯାଇଛି। କରୋନା ଆତଙ୍କ ଯୋଗୁ ସତର୍କ ରହିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଶନିବାର ବ୍ରହ୍ମପୁରରେ ହେବାକୁ ଥିବା ମହିଳା ବିଜେଡିର ଜିଲାସ୍ତରୀୟ ସମ୍ମିଳନୀ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସୂଚନାଯୋଗ୍ୟ, ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ପାଳନ ଗତ ୫ ତାରିଖରୁ ଆସନ୍ତା ୨୦ ପର୍ଯ୍ୟନ୍ତ ଜିଲାର ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟାୟକ୍ରମେ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ କରାଯିବାର ଚୂଡ଼ାନ୍ତ ହୋଇଥିଲା। ଗତ ଗୁରୁବାର ସୁଦ୍ଧା କେତେକ ନିର୍ବାଚନ

**ମହାମାରୀ କରୋନା ପାଇଁ ସତର୍କତା**
**■ମହାନଗରରେ ମିଳୁନି ମାସ୍କ, ସାନିଟାରି ନାପ୍‌କିନ**

ମଣ୍ଡଳୀରେ ସଭାସମିତି, କ୍ରୀଡ଼ା ଓ ସଚେତନତା ରାଲି ଆଦି କରାଯାଇଥିଲା। ତେବେ ଏହା ହଠାତ୍ ବନ୍ଦ କରାଯାଇଛି। ବିଜେଡି ଜିଲା ସଭାପତି ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, କରୋନା ଯୋଗୁ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରିଛନ୍ତି। ସିନେମା ହଲ ବନ୍ଦ କରାଯିବାର ନିର୍ଦ୍ଦେଶ ଜାରି ସାଙ୍ଗକୁ ସଭା ସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ରୋକ୍ ଲଗାଇଛନ୍ତି। ଗହଳି ନ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତ ମାସ ଶେଷ ଯାଏ ଏହା ବଳବତ୍ତର ରହିବାର ସରକାରୀ ନିଷ୍ପତ୍ତି ନିଆଯାଇଛି। ତେଣୁ ଜିଲାରେ ବିଜେଡିର ବିଜୁ ଜୟନ୍ତୀ ପାଳନର ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି। ଶୁକ୍ରବାର ପୁରୁଷୋତ୍ତମପୁରରେ ଦଳ ସମାବେଶ ଚାଲିଥିବା ବେଳେ ସରକାରଙ୍କ ନିଷ୍ପତ୍ତି ଖବର ପହଞ୍ଚିଥିଲା। ତେଣୁ ଅଧାରୁ ସମାବେଶ ବନ୍ଦ କରାଯାଇଥିବା ଚ୍ୟାଉପଟ୍ଟନାୟକ ସୂଚନା ଦେଇଛନ୍ତି।

ଅପରପକ୍ଷରେ ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନିଆଯାଇଛି। ସତର୍କ ରହିବା ପାଇଁ ଜନସଚେତନତା କରାଯିବାର ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ମହାନଗର ନିଗମ ପକ୍ଷରୁ ମଧ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ବିସିସି ବ୍ୟାଙ୍କ ମୁଖ୍ୟାଳୟ ଏବଂ ଗଞ୍ଜାମ ଓ ଗଜପତି ଜିଲାରେ ଥିବା ସବୁ ଶାଖାର କର୍ମଚାରୀମାନେ ମାସ୍କ ପିନ୍ଧି କାର୍ଯ୍ୟ କରିବା ଏବଂ ସାନିଟାରି ନାପ୍‌କିନ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟାଙ୍କ ଯୋଗାଇବାର ବ୍ୟବସ୍ଥା ହୋଇଛି। ମୁଖ୍ୟାଳୟରେ କର୍ମଚାରୀଙ୍କ ଉପସ୍ଥାନ ଜାଣିବା ପାଇଁ ଲାଗିଥିବା ବାୟୋମେଟ୍ରିକ ବ୍ୟବସ୍ଥା ଶୁକ୍ରବାରରୁ ବନ୍ଦ କରାଯାଇଛି। ମହାନଗରରେ ନାପ୍‌କିନ ଓ ମାସ୍କର ଅଭାବ ଦେଖାଦେଇଛି। ଏହା କିଣିବା ପାଇଁ ଔଷଧ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମୁଥିବା ଲକ୍ଷ୍ୟ କରାଯାଇଛି।

# କଟକଣା ସତ୍ତ୍ୱେ ଆଇଜରର ୩ ଦିନିଆ କାର୍ଯ୍ୟକ୍ରମ



ଆଇଜର ପକ୍ଷରୁ ନିର୍ମିତ ସ୍ୱାଗତ ତୋରଣ।

**ବ୍ରହ୍ମପୁର ଅଫିସ,୧୩।୩**

ବିଶ୍ୱରେ ମହାମାରୀ ରୂପ ନେଇଥିବା କରୋନା ଭାଇରସ ପ୍ରଭାବରୁ ରାଜ୍ୟକୁ ମୁକ୍ତ ରଖିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁସାରେ ଜିଲା ପ୍ରଶାସନ ପକ୍ଷରୁ ମଧ ରାଜ୍ୟର ସମସ୍ତ ବେସରକାରୀ ଓ ସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ନେଇ ନୋଟିସ ଜାରି କରାଯାଇଛି। ଏପରିକି ଜିଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମଧ ରୋକ ଲାଗାଯାଇଥିବା ନେଇ ସୂଚନା ମିଳିଛି। କିନ୍ତୁ ଏହାସତ୍ତ୍ୱେ ଆଇଜର ପକ୍ଷରୁ ଶୁକ୍ରବାରରୁ ବ୍ରହ୍ମପୁର ସରକାରୀ ଆଇଟିଆଇରେ ତିନିଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ହଜାର ହଜାର ସଂଖ୍ୟାରେ ବିଭିନ୍ନ ରାଜ୍ୟରୁ ଛାତ୍ରୀଛାତ୍ର ଯୋଗଦେଇଥିବା ନେଇ ସୂଚନା ମିଳିଛି। ଏପରିକି କିଛି ରାଜ୍ୟ ବାହାରୁ ପ୍ରସିଦ୍ଧ କଳାକାର ଯୋଗଦେଇ ନିଜର କଳାପ୍ରଦର୍ଶନ କରିବା ନେଇ ମଧ ସୂଚନା ମିଳିଛି। ତେବେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେବା ଫଳରେ କରୋନା ଭାଇରସର ସଂକ୍ରମଣର ଆଶଙ୍କା ଥିବା ନେଇ ଚର୍ଚ୍ଚା ହୋଇଛି। ଏହା ଆଇଜରର ସମ୍ପୂର୍ଣ୍ଣ ଆନ୍ତଃ ଓ ନିଜସ୍ୱ କାର୍ଯ୍ୟକ୍ରମ ବୋଲି ନିର୍ଦ୍ଦେଶକ କେ.ଭି .ଆର. ଚାରୀ ଯୋଗାଯୋଗ ବେଳେ କହିଛନ୍ତି।

# ଲେଖିକା ସଂସଦ ଶାଖା ମାସିକ ଅଧିବେଶନ


କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଲେଖିକା ସଂସଦ ସଦସ୍ୟା।

**ବ୍ରହ୍ମପୁର ଅଫିସ, ୧୩।୩**

ଓଡ଼ିଶା ଲେଖିକା ସଂସଦ ବ୍ରହ୍ମପୁର ଶାଖାର ମାସିକ ଅଧିବେଶନ ଶୁକ୍ରବାର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବାହିକା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ପୌରୋହିତ୍ୟ କରିଥିବା ବେଳେ ସୁଧାଞ୍ଜଳି ମିଶ୍ର ଓ ସୁଚେତା ପାଣିଗ୍ରାହୀ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ କିରଣବାଳା ମିଶ୍ର, ଭାରତୀକୁସୁମ ପାତ୍ର, ବନ୍ଦନା ମହାପାତ୍ର, ବିନୀତା ପାତ୍ର, ସ୍ମୃତି ପଟ୍ଟନାୟକ ପ୍ରମୁଖ ଦୋଳ ଓ ହୋଲିପର୍ବର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ଜ୍ୟୋସ୍ନାରାଣୀ ସ୍ୱାଇଁ, ମାଧୁରୀ ଅଧିକାରୀ, ସଚଳା ରାଜଗୁରୁ, ସ୍ୱର୍ଣ୍ଣମୟୀ ପାଢ଼ୀ, ଅମିତା ମିଶ୍ର, ଜୟନ୍ତୀ ପଢ଼ିଆରୀ, ସରୋଜିନୀ ସାହୁ, ଭାଗ୍ୟଲକ୍ଷ୍ମୀ ମହାରଣା, ମଞ୍ଜୁଳା ପାଢ଼ୀ, ନୀହାରିକା ସାହୁ ଓ ବିଦ୍ୟାବତୀ ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଲେଖିକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ମୃତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କରୋନା ପାଇଁ ଅଟକିଲା ସମାବର୍ତ୍ତନ ଉତ୍ସବ

**ବ୍ରହ୍ମପୁର ଅଫିସ, ୧୩।୩**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନାକୁ ରାଜ୍ୟ ବିପର୍ଯ୍ୟୟ ଘଟଣା କରିବା ପରେ ସଭାସମିତି,ବିବାହ ଓ ବ୍ରତକୁ ନେଇ ସତର୍କତା ଜାରି କରିଛନ୍ତି। ପ୍ରତିଷେଧକ ମୂଳକଭାବେ ଶୁକ୍ରବାରରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପରୀକ୍ଷାକୁ ଏଥିରୁ ବାଦ୍ ଦିଆଯାଇଛି। ଏହି କ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଶାସନ ଉଚ୍ଚଶିକ୍ଷା ବିଭାଗର ଅନୁମତି କ୍ରମେ ପାଢ଼ପଢ଼ା ବନ୍ଦ ରଖିବା ସହିତ ଆସନ୍ତା ୩୧ ତାରିଖ ହେବାକୁ ଥିବା ସମାବର୍ତ୍ତନ ଉତ୍ସବକୁ ବନ୍ଦ ରଖାଯାଇଛି।

## ଆକ୍ରମଣ ମାମଲା: ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୩।୩**

ଏକ ଆକ୍ରମଣ ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ ଶୁକ୍ରବାର ପ୍ରମାଣ ଅଭାବରୁ ଅଭିଯୁକ୍ତ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶଯେ, ୨୦୧୪ରେ ଇଞ୍ଜିନିୟରିଂ ସ୍କୁଲରୁ କ୍ଲାସ ସାରି ସନ୍ଦୀପ ପଣ୍ଡା ଘରକୁ ଫେରୁଥିଲେ। ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକରେ ତାଙ୍କୁ ଦୁର୍ବୃତ୍ତମାନେ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ରାଜା ଓ ତାଙ୍କ ସହଯୋଗୀମାନେ ଏକ ଲୁହା ଛଡ଼ରେ ସନ୍ଦୀପଙ୍କୁ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ ବୋଲି ଛାତ୍ର ଜଣକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସନ୍ଦୀପଙ୍କୁ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ ଜାଣିବାକୁ ପାଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ରାଜା ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଚାର୍ଜଶିଟ ଦାଖଲ ପରେ ରାଜା ଜାମିନରେ ମୁକୁଳିଥିଲେ। ଶୁକ୍ରବାର ଜିଆର କେସ୍ ନଂ. ୧୨୪/୧୪ ବିଚାର ବେଳେ ରାଜାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଏହାର ଶୁଣାଣି ବେଳେ ୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜେଏମ୍‌ଏଫସି ରାଜାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ମନୋଜ ପାଢ଼ୀ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ଅବହେଳିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି

**ବ୍ରହ୍ମପୁର ଅଫିସ,୧୩।୩**


ରାସ୍ତା କଡ଼ରେ ଅବହେଳିତ ହୋଇ ରହିଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି।

ମହାପୁରୁଷଙ୍କୁ ସମ୍ମାନ ଦେବା ଓ ତାଙ୍କର ସ୍ମୃତିକୁ ମନେ ପକାଇବା ପାଇଁ ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପିତ କରାଯାଇଥାଏ। କିନ୍ତୁ ବ୍ରହ୍ମପୁର ସହରର କେତେକ ସ୍ଥାନରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ପ୍ରେମ ନଗର ଚତୁର୍ଥ ଗଳି ଛକ ନିକଟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅବହେଳିତ ଭାବରେ ରାସ୍ତା କଡ଼ରେ ପଡ଼ି ରହିଛି। ପ୍ରାୟ ୩୫ରୁ ୩୬ ବର୍ଷ ପୂର୍ବେ ଖଡ୍ଡୁରା ସାହି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏହି ମୂର୍ତ୍ତି ସ୍ଥାପନ କରାଯାଇଥିଲା। କିନ୍ତୁ ଫାଇଲିନ୍ ସମୟରେ ଉକ୍ତ ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିଲା। ଏହା ସହିତ ଡ୍ରେନ ଓ ରାସ୍ତା ସମ୍ପ୍ରସାରଣ ନିମନ୍ତେ ବିଦ୍ୟାଳୟକୁ ଅନ୍ୟତ୍ର ଘୁଞ୍ଚା ଯାଇଥିଲା। ଫଳରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇ ରାସ୍ତା କଡ଼ରେ ରଖାଯାଇଥିଲା। ଠିକ୍ ସେହି ଦିନଠାରୁ ଏଭଳି ଭାବରେ ପ୍ରତିମୂର୍ତ୍ତିଟି ଅବହେଳିତ ହୋଇ ରହିଛି। ଏଥି ମଧ୍ୟରେ ଡ୍ରେନ ଓ ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ କାମ ସରିଥିଲେ ମଧ ଉକ୍ତ ପ୍ରତିମୂର୍ତ୍ତି ଉପରେ କାହାର ଦୃଷ୍ଟି ପଡୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ପ୍ରତିମୂର୍ତ୍ତିକୁ ବ୍ରହ୍ମପୁର ମହାନଗର ନିଗମ ଶୀଘ୍ର ଉପଯୁକ୍ତ ସ୍ଥାନରେ ସ୍ଥାପନ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରୁ, ଉକ୍ତ ସ୍ଥାନ ମଧ୍ୟରୁ ସାଉଥ୍‌କୋକୁ ବିଦ୍ୟୁତ୍ ଶୁଳ୍କ ଆଦାୟ ନିମନ୍ତେ କିଛି ସ୍ଥାନର ଆବଶ୍ୟକ ରହିଛି ବୋଲି ସେ ଚିଠି ମାଧମରେ ଆମକୁ ଜଣାଇଛନ୍ତି। ଉକ୍ତ ସ୍ଥାନ ସାଉଥକୋକୁ ହସ୍ତାନ୍ତର କଲାପରେ ବାକି ସ୍ଥାନରେ ଗୋଟିଏ ଛୋଟିଆ ପାର୍କ କରାଯାଇ ସେହି ସ୍ଥାନରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ପ୍ରକ୍ରିୟା ଚାଲୁ ରହିଛି।

# ସ୍ୱଚ୍ଛତା ପରଖୁଛନ୍ତି ଜିଲାପାଳ

*ବ୍ରହ୍ମପୁର ଅଫିସ, ୧୩।୩- ବ୍ରହ୍ମପୁର ସହରକୁ ସରସ ସୁନ୍ଦର କରି ଗଢିତୋଳିବା ପାଇଁ ଅନେକ ପଦକ୍ଷପେ ନେଉଛି ବ୍ରହ୍ମପୁର ମହାନଗର ନିଗମ। କିଛି ଦିନହେବ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବ୍ରହ୍ମପୁରର ବିଭିନ୍ନ ସାହି ବୁଲି ସ୍ୱଚ୍ଛା ପରଖୁଛନ୍ତି। ଏହା ସହ ମାର୍ଚ୍ଚ ୧ତାରିଖରୁ ସହରରେ ରାତ୍ରିକାଳୀନ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ଜିଲାପାଳ ସାଇକେଲରେ ବୁଲି ସ୍ୱଚ୍ଛତା ତଦାରଖ କରୁଛନ୍ତି, ଯେଉଁଠି ଅପରିଷ୍କାର ହୋଇଥିବା ଦୃଷ୍ଟିକୁ ଆସୁଛି ମୋଟା ଅଙ୍କର ଫାଇନ୍ ମଧ ଆଦାୟ କରୁଛନ୍ତି। ଏହା ସହ ବିଏମ୍‌ସିର ଅଳିଆଗାଡି ଆସୁଛକି ନାହିଁ ପଚାରି ବୁଝୁଛନ୍ତି। ଜିଲାପାଳଙ୍କ ଏଭଳି କାର୍ଯ୍ୟକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି।*

**ସେମାନେ ଯାହା କୁହନ୍ତି**


ଜିଲାପାଳଙ୍କ ତଦାରଖ ଦ୍ୱାରା ପରିବର୍ତ୍ତନ ଆସିଛି। ଆପଣମାନେ ଦେଖୁଥିଲେ ସକାଳେ ସଫା ହେଲେ ସନ୍ଧ୍ୟାରେ ହେଉ ନ ଥିଲା। ବର୍ତ୍ତମାନ ଦୁଇଓଳା ସଫା ହେଉଛି। ଏହା ହେବା ଦ୍ୱାରା ସ୍ୱଚ୍ଛତାରେ ପରିବର୍ତ୍ତନ ଆସୁଛି।

**-ସଂଘମିତ୍ରା ଦଳେଇ, ବିଜେଡି ଜିଲା ସଭନେତ୍ରୀ**


ଭଲ ପଦକ୍ଷେପ ନେଉଛନ୍ତି ଜିଲାପାଳ। ଏହା ଦ୍ୱାରା ସ୍ୱଚ୍ଛାତା ବଜାୟ ରହିବା ସହ ଜରିମାନା ଆଦାୟ ହେବାଦ୍ୱାରା ବ୍ୟବସାୟୀମାନେ ଅଧିକ ସଚେତନ ହେଉଛନ୍ତି।

**- ଦୀପକ ସାହୁ, ହୋଟେଲ ବ୍ୟବସାୟୀ**


ଯେତେ ଜରିମାନା ଆଦାୟ କଲେ ମଧ ଲୋକମାନେ ସଚେତନ ହେଉନାହାନ୍ତି। ଯେତେ ଦିନ ପର୍ଯ୍ୟନ୍ତ ଲୋକମାନେ ସଚେତନ ହୋଇନାହାନ୍ତି ଯେତେ ଫାଇନ୍ ଆଦାୟ କଲେ ମଧ ଏହାର କିଛି ଫରକ୍ ଆସିବ ନାହିଁ। ଆଗ ଅପେକ୍ଷା ସହରରେ କିଛି ମାତ୍ରାରେ ସ୍ୱଚ୍ଛତାରେ ପରିବର୍ତ୍ତନ ହୋଇଛି।

**-ରଞ୍ଜନା ମିଶ୍ର, ସ୍ୱେଚ୍ଛାସେବୀ**


ଜିଲାର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜିଲାପାଳଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ। ସର୍ବୋଚ୍ଚ ଅଧିକାରୀଙ୍କ ସକ୍ରିୟତା ନିଶ୍ଚିତ ଭାବେ ଏ ଦିଗରେ ତଳସ୍ତରର ଅଧିକାରୀମାନଙ୍କୁ ଅନୁପ୍ରାଣିତ ସହ ଉତ୍ସାହ ଯୋଗାଇବ।

**-ସୀତାରାମ ଷଡଙ୍ଗୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**

# ତତ୍କାଳୀନ ସିଟି ହସ୍‌ପିଟାଲ କିରାଣି ଦଣ୍ଡିତ, ପିଅନ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୩।୩**

**ଅର୍ଥ ହେରଫେର ମାମଲା**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ଶୁକ୍ରବାର ସରକାରୀ ଅର୍ଥ ହେରଫେର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସିଟି ହସ୍‌ପିଟାଲର ତତ୍କାଳୀନ ବରିଷ୍ଠ କିରାଣି ତଥା ଅକାଉଣ୍ଟାଣ୍ଟ ଇ.ରାଜା ରାଓଙ୍କୁ ଦଣ୍ଡିତ କରିଛନ୍ତି। ସେହିପରି ଉକ୍ତ ହସ୍‌ପିଟାଲ ପିଅନ ବ୍ରଜରାଜ ପଟ୍ଟନାୟକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶ ଯେ, ୨୦୦୧ ସେପ୍ଟେମ୍ବର ୧ ରୁ ୨୦୦୩ ମେ ୧୨ ତାରିଖ ସୁଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଂଗ୍ରହ ହୋଇଥିବା ୨ ଲକ୍ଷ ୬୮ ହଜାର ୮୫୧ ଟଙ୍କାର ହିସାବ ହେରଫେର ହୋଇଥିଲା। ସିଟି ହସ୍‌ପିଟାଲର ତତ୍କାଳୀନ କିରାଣି ରାଜା ରାଓ ଓ ପିଅନ ବ୍ରଜରାଜ ଉକ୍ତ ଟଙ୍କା ହେରଫେର କରିଥିବା ନେଇ ସେମାନଙ୍କ ନାମରେ ୨୦୦୪ରେ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ମାମଲା ନମ୍ବର ୧୪/୦୪ ରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପରେ ସେମାନେ ଜାମିନ ପାଇଥିଲେ। ଭିଜିଲାନ୍ସ ଡ଼ିଏସ୍‌ପି ପଦ୍ମନାଭ ଦେବର୍ତ୍ତା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଶୁକ୍ରବାର ଏହି ମାମଲାର ବିଚାର ବେଳେ ଉଭୟ ରାଜା ରାଓ ଓ ବ୍ରଜରାଜଙ୍କୁ ଭିଜିଲାନ୍ସ ଜଜଙ୍କ କୋର୍ଟରେ ହାଜର କରାଯାଇଥିଲା। ବିଚାର ବେଳେ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ରାଜା ରାଓଙ୍କ ବିରୋଧରେ ପ୍ରମାଣ ମିଳିବାରୁ ବିଚାରପତି ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦାୟ ହେଲେ ତାଙ୍କୁ ଅଧିକ ୩ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପିଅନ ବ୍ରଜରାଜଙ୍କ ବିରୋଧରେ ପ୍ରମାଣ ନ ମିଳିବାରୁ ତାଙ୍କୁ ଭିଜିଲାନ୍ସ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାସ, ରାଜା ରାଓଙ୍କ ପକ୍ଷରୁ ଆଇନଜୀବୀ ସୁଧାଂଶୁ ପଣ୍ଡା, ସୁଶୀଲ ତ୍ରିପାଠୀ ଓ ବ୍ରଜରାଜଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ବଧିର ଶିଶୁ ଅଧିକାର ସମ୍ପର୍କିତ କର୍ମଶାଳା

**ବ୍ରହ୍ମପୁର ଅଫିସ, ୧୩।୩**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ସ୍ଥିତ ରାଜସ୍ୱ ଡାକବଙ୍ଗଳାରେ ରାଜ୍ୟସ୍ତରୀୟ ବଧିର ଶିଶୁଙ୍କ ଅଧିକାର ସମ୍ପର୍କିତ କର୍ମଶାଳା ଶୁକ୍ରବାର ଆୟୋଜିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ଲିପିକା ପକ୍ଷରୁ ସନ୍ଦୀପ, ସାଧନା ଓ କାର୍ଡ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଲିପିକା ନିର୍ଦ୍ଦେଶିକା ରଞ୍ଜିତା ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ତହସିଲଦାର ସିପକ କୁମାର ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଏସ୍.କେ. ମହାରଣା, ଗଜପତି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ରନାଥ ବେହେରା, ଛତ୍ରପୁର ସମର୍ଥ ଅନୁଷ୍ଠାନ ସମ୍ପାଦିକା କେ. ଆନନ୍ଦ ରାଓ, ଭୁବନେଶ୍ୱର ଟ୍ରେନିଂ ସେଣ୍ଟର ଅଫ ଡିଫ୍(ଟିସିଡି)ର ରୀନା ସାହୁ, କାର୍ଡ ନିର୍ଦ୍ଦେଶକ ସୁରେଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରବଣବାଧିତ ଶିଶୁଙ୍କ ପ୍ରାଥମିକ ଶିକ୍ଷାର ବିକାଶ, ଭାରତୀୟ ସାଙ୍କେତିକ ଭାଷାର ପ୍ରାଧାନ୍ୟ, ଶ୍ରବଣବାଧିତ ବ୍ୟକ୍ତିଙ୍କ ଜୀବନ ଜୀବିକାର ଅଭ୍ୟୁତ୍ଥାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶ୍ରବଣବାଧିତଙ୍କ ପ୍ରାଥମିକ ଶିକ୍ଷାର ବିକାଶ ଦିଗରେ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରୁ ଶ୍ରବଣବାଧିତ ଶିଶୁଙ୍କ ପ୍ରାଥମିକ ଶିକ୍ଷାର ବିକାଶ ଓ ଭାରତୀୟ ସାଙ୍କେତିକ ଭାଷା ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟତା ନେଇ ଆଲୋଚନା କରାଯାଇଥିଲା। ଲକ୍ଷ୍ମୀନାରାୟଣ ଆଚାରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟ କୁମାର ରଣା ଧନ୍ୟବାଦ ଦେଇଥିଲେ। ଏଥିରେ ରଙ୍ଗେଇଲୁଣ୍ଡା, କୁକୁଡାଖଣ୍ଡି, ଦିଗପହଣ୍ଡି, ପାତ୍ରପୁର, ବୁଗୁଡା, ଭଞ୍ଜନଗର, ବାରିପଦା, ପୁରୀ ଓ ନିରାକାରପୁର ସମେତ ଗଜପତି ଜିଲାରୁ ସାମାଜିକ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପ୍ରେମିକାଙ୍କୁ ଘରେ ରଖି ପ୍ରେମିକ ଫେରାର

**ଫିରିଙ୍ଗିଆ, ୧୩।୩:** ବିବାହ କରିବାକୁ ପ୍ରେମିକାଙ୍କୁ ନିଜ ଘରକୁ ନେଲେ। ଘରେ ୩ ମାସ ରଖିଲେ। ଏହାପରେ କ'ଣ ହେଲା କେଜାଣି ହଠାତ ପ୍ରେମିକ ଜଣକ ବିବାହ କରିବାକୁ ମନା କରିଦେଲେ। ପ୍ରେମିକା ଏ ନେଇ ଫିରିଙ୍ଗିଆ ଥାନାରେ ଅଭିଯୋଗ କରିବାରୁ ପ୍ରେମିକ ଫେରାର ହୋଇଯାଇଛନ୍ତି। ପ୍ରେମିକା ଏବେ ବାପ ଘରେ ରହୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସଲାଗୁଡା ଗ୍ରାମର ଯୁବକ ପ୍ରଶାନ୍ତ ମହାକୁଡ ନୂଆପଦର ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ୩ ମାସ ତଳେ ତାଙ୍କୁ ନିଜ ଘରକୁ ନେଇ ଆସିଥିଲେ। ଏକଥା ଉଭୟ ପରିବାର ମଧ ଜାଣିଥିଲେ। କୌଣସି କାରଣକୁ ନେଇ ପ୍ରେମିକ ପ୍ରଶାନ୍ତ ହଠାତ ବାହା ହେବାକୁ ମନା କରିବାରୁ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପ୍ରେମିକା ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ.୨୨/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବିଜ୍ଞାନ ଶିକ୍ଷକ ନିଲମ୍ବିତ

**ଫିରିଙ୍ଗିଆ, ୧୩।୩:** ବିଦ୍ୟାଳୟକୁ ନିୟମିତ ନ ଯିବା ଏବଂ ବିନା ଦରଖାସ୍ତରେ ଛୁଟିରେ ରହିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ଫିରିଙ୍ଗିଆ ବ୍ଲକ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ସେ ହେଲେ ସାଡିଙ୍ଗିଆ ପଞ୍ଚାୟତ ସାଡିଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମହେନ୍ଦ୍ର କୁମାର ପଣ୍ଡା। ସୂଚନା ଅନୁଯାୟୀ, ମହେନ୍ଦ୍ର ସ୍କୁଲକୁ ନିୟମିତ ଯାଉ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିଲା। ଏ ନେଇ ସରପଞ୍ଚ ଏବଂ ଗ୍ରାମବାସୀ ବିଇଓଙ୍କ ପାଖରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ମହେନ୍ଦ୍ର ବିଦ୍ୟାଳୟକୁ ଆସୁ ନ ଥିବା ସ୍ପଷ୍ଟ ହୋଇଥିଲା। ରିପୋର୍ଟ ଆଧାରରେ ଶିକ୍ଷକ ମହେନ୍ଦ୍ରଙ୍କୁ ନିଲମ୍ବିତ କରିଛନ୍ତି। ତାଙ୍କୁ ବିଇଓ ଅଫିସରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବିଇଓ ଦିଗାଲ ସୂଚନା ଦେଇଛନ୍ତି। ଏ ନେଇ ଶିକ୍ଷକ ମହେନ୍ଦ୍ରଙ୍କୁ ପଚାରିବାରୁ ସେ ବେଳେବେଳେ ସ୍କୁଲ ଯାଉ ନ ଥିବା କହିଛନ୍ତି।

### ବାର୍ ଆସୋସିଏଶନ ନିର୍ବାଚନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

**ଭଞ୍ଜନଗର,୧୩।୩(ଡି.ଏନ୍.ଏ.):** ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ୨୮ ତାରିଖରେ ହେବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ସଭାପତି ପଦବୀ ପାଇଁ ବଟକୃଷ୍ଣ ପଣ୍ଡା, ଦଣ୍ଡପାଣି ସ୍ୱାଇଁ ଓ ସନ୍ତୋଷ କୁମାର ନାୟକ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେହିଭଳି ଉପ ସଭାପତି ପଦବୀ ପାଇଁ ବଳରାମ ମହାପାତ୍ର, ବଂଶୀଧର ପ୍ରଧାନ (ବି), ମଣି ଦିକ୍ଷିତ, ରଜତ କୁମାର ଦାସ, ସମ୍ପାଦକ ପଦବୀ ପାଇଁ ଅକ୍ଷୟ କୁମାର ସାହୁ ଓ ବସନ୍ତ କୁମାର ଦାସ ଏବଂ ସହ ସମ୍ପାଦକ ପଦବୀ ପାଇଁ ଆଶିଷ କୁମାର ଗୌଡ଼, ଚନ୍ଦ୍ରମଣି ମହାପାତ୍ର, ଜନାର୍ଦ୍ଦନ ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଚଳିତ ନିର୍ବାଚନରେ କିଛି ପଦବୀ ପାଇଁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ। ବିଜୟ ପାଇଁ ପ୍ରାର୍ଥୀମାନେ ରଣନୀତି ଆରମ୍ଭ କରି ଦେଇଛନ୍ତି।

### ବୈଦ୍ୟ ଶୁକ୍ରୁ ପ୍ରଧାନଙ୍କ ପରଲୋକ ବିଜୟଙ୍କ ସ୍ମୃତିରେ ପାଠଚକ୍ର

**ଭଞ୍ଜନଗର,୧୩।୩(ଡି.ଏନ.ଏ):** ଭଞ୍ଜନଗର ଅଞ୍ଚଳର ଜଣାଶୁଣା ଝାଡ଼ଫୁଙ୍କ (ସିଦ୍ଧବୌଦ୍ୟ) ତଥା ବୌଦ୍ୟ ଶୁକ୍ରୁ ପ୍ରଧାନ (୮୫)ଙ୍କ ଶୁକ୍ରବାର ମଧ୍ୟାହ୍ନରେ ଲଣ୍ଡେଇସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ୬୦ ବର୍ଷ ହେଲା ଶୁକ୍ରୁ ଝାଡ଼ଫୁଙ୍କ ସହ ଚେରମୂଳି ଔଷଧ ପ୍ରଦାନ କରୁଥିଲେ। ମୃତ୍ୟୁର କିଛିମାସ ପୂର୍ବରୁ ସେ ତାଙ୍କ ସାନପୁଅ ପ୍ରସନ୍ନଙ୍କୁ ଏହି ବିଦ୍ୟା ଶିଖାଇଥିବା ଜଣାପଡିଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ। ଏହାପରେ ବେଲେଶ୍ୱର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ସେହିଭଳି ବିଶିଷ୍ଟ ସାମାଜିକ କର୍ମୀ ବିଜୟ ପ୍ରଧାନଙ୍କ ବିୟୋଗରେ ଶୁକ୍ରବାର ତାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଶକ୍ତିପୀଠ ପକ୍ଷରୁ ସ୍ୱତନ୍ତ୍ର ପାଠଚକ୍ର ହୋଇଥିଲା। ଏଥିରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଶ୍ରୀଅରବିନ୍ଦ ଶକ୍ତିପୀଠର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସନ୍ଧ୍ୟାରେ ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାର ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ହୋଇଥିଲା। ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ ସଭା ସଂଯୋଜନା କରିଥିଲେ।

# କରୋନା ଭୟ: ସଭା, ପାର୍କ ବନ୍ଦ କଲା ପ୍ରଶାସନ



ଜିଲା ଗ୍ରାମପଞ୍ଚାୟତ ଅଧିକାରୀ କିଶୋର ଚନ୍ଦ୍ର ପାଢ଼ୀ ଏବଂ ଅନ୍ୟମାନେ।

**ଫୁଲବାଣୀ ଅଫିସ/ଦାରିଙ୍ଗିବାଡି, ୧୩।୩**

କରୋନା ଭୟ ଏବେ ସବୁଠି ଘାରିଛି। କରୋନା ପାଇଁ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ନିଆଯାଉଛି। ରାଜ୍ୟ ସରକାର ଆସନ୍ତା ୩୧ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳମାନଙ୍କୁ ମଧ ଏଦିଗରେ ପଦକ୍ଷେପ ନିଆଯିବା ପାଇଁ କୁହାଯାଇଛି। ଜିଲାପାଳ ଡା. ବୃନ୍ଦା ଡି ଏହାକୁ ଗୁରତ୍ୱର ସହ ନେଇଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୁପ ଫୁଲବାଣୀ କରୋନେସନ ପଡିଆରେ ଜିଲା ଲେଖକ ସାମୁଖ୍ୟ ପକ୍ଷରୁ ୧୨ରୁ ଆରମ୍ଭ ହେବାକୁ ଥିବା ପୁସ୍ତକ ମେଳାକୁ ବାତିଲ କରିଛନ୍ତି। ସେହିପରି ସଭା ସମିତି କରି ଗହଳି ନ କରିବା, ଲଜ୍ ଗୁଡିକ ଉପରେ ନଜର ରଖିବାକୁ ଜିଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାମିଲନାଡୁରେ ଜିଲାର ଅଧିକାଂଶ ଲୋକ କାମ କରୁଥିବାରୁ ସେମାନଙ୍କ ଯାତାୟତ ଉପରେ ନଜର ରଖାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ ପାଇଁ ସଚେତନ ରଥ ବୁଲୁଥିବା ଏବଂ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ଜିଲାପାଳ ପ୍ରକାଶ କରିଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ଜିଲା ପଞ୍ଚାୟତ ଅଧିକାରୀ କିଶୋର ଚନ୍ଦ୍ର ପାଢ଼ୀ ଯାଇ କରୋନା ସମ୍ପର୍କରେ ସଚେତନ କରାଇଛନ୍ତି। ରାଜ୍ୟ ବାହାରେ କେରଳ, ତାମିଲନାଡୁ, କର୍ନାଟକରେ କାମ କରୁଥିବା ଲୋକେ ଗ୍ରାମକୁ ଫେରିଲେ ସେମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସ୍ୱାସ୍ଥ୍ୟପରୀକ୍ଷା କରାଇବାକୁ ପରାମର୍ଶ ଦେଇଛନ୍ତି। ସନ୍ଦେହ ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ପାଇଁ ଖୋଲାଯାଇଥିବା ସ୍ୱତନ୍ତ୍ର ୱାର୍ଡ଼କୁ ନେବାକୁ ଲୋକମାନଙ୍କୁ କହିଛନ୍ତି। ଦାରିଙ୍ଗବାଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ରନାଥ ବେହେରା ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୋକନାଥ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି। ଦାରିଙ୍ଗବାଡ଼ିର ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ନେଚର ପାର୍କ, ହିଲ୍‌ଭିୟୁ ପାର୍କ, କଫି ବଗିଚା ଆଦିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଛି। ନେଚରପାର୍କ ଆସନ୍ତା ୩୧ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ବାଲିଗୁଡ଼ା ଡିଏଫ୍‌ଓ ବିଶ୍ୱନାଥନ୍ ନିଲନଭର କହିଛନ୍ତି। ହିଲ୍‌ଭିୟୁପାର୍କ ଦାୟିତ୍ୱରେ ରହିଥିବା ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ମଧ ପାର୍କ ବନ୍ଦ ଥିବା କହିଛନ୍ତି।

## ଦାରିଙ୍ଗବାଡ଼ିରେ କରୋନା ସନ୍ଦିଗ୍ଧ

**ଦାରିଙ୍ଗବାଡ଼ି,୧୩।୩(ଡି.ଏନ.ଏ)**

### କରୋନା ଲକ୍ଷଣ ନାହିଁ: ଡାକ୍ତର

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସନ୍ଦିଗ୍ଧ କରୋନା ଆକ୍ରାନ୍ତ ଯୁବତୀଙ୍କୁ ଶୁକ୍ରବାର ଚିକିତ୍ସା କରାଯାଇଛି। ଯୁବତୀ ଜଣକ ତାମିଲନାଡୁରୁ ଫେରିବା ପରେ ତାଙ୍କୁ ଥଣ୍ଡା ଓ କାଶ ହୋଇଥିଲା। ଶନିବାର ସେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟନ୍ଦ୍ରେରେ ପହଞ୍ଚିଥିଲେ। ଡାକ୍ତର ସମୀର ନାୟକ ଚିକିତ୍ସା ପରି ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପରାମର୍ଶ ଦେଇଥିଲେ। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ବଂଶିଧର ପାତ୍ର ସେଭଳି କିଛି କରୋନାର ଲକ୍ଷଣ ନାହିଁ ଏଣୁ ତାଙ୍କୁ ପରବର୍ତ୍ତି ସମୟରେ ଘରକୁ ଯିବାକୁ ପରାମର୍ଶ ଦେଇଥିଲେ। ଯୁବତୀ ଜଣକ ତାମିଲନାଡୁରେ ଏକ କମ୍ପାନୀରେ ସିଲେଇ କାମ କରୁଥିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ବିଭିନ୍ନ ଗଣମାଧମରେ କରୋନା ସମ୍ପର୍କୀତ ଖବର ଦେଖି ଭୟଭୀତ ହୋଇ ଗାଁକୁ ଚାଲିଆସିଥିଲେ। ସନ୍ଦେହ ହେବାରୁ ଚିକିତ୍ସା ପାଇଁ ଆସିଥିବା ଡାକ୍ତର ପାତ୍ର ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯୁବତୀ ଜଣକ ଅଧିକା ଅସୁସ୍ଥତା ଅନୁଭବ କଲେ ତାଙ୍କୁ ଫୁଲବାଣୀ ଯିବାକୁ ପରାମର୍ଶ ଦିଆଯାଇଛି। ମାତ୍ର ସେ ଏବେ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ପ୍ରକାଶ ଯେ, ଯୁବତୀ ଜଣକ ଘର ଉକ୍ତ ବ୍ଲକ ପର୍ଡମାହା ପଞ୍ଚାୟତର ଏକ ଦୁର୍ଗମ ଗ୍ରାମରେ। ସେ ତାମିଲନାଡୁର ତ୍ରିପୁର ଅଞ୍ଚଳରେ ରହି କାମ କରୁଥିବାବେଳେ ଦାରିଙ୍ଗବାଡ଼ି ଅଞ୍ଚଳର ଆହୁରି ଶତାଧିକ ଯୁବତୀ ଯୁବକ ସେଠାରେ କାମ କରୁଛନ୍ତି ବୋଲି କହିଛନ୍ତି।

### ରୋଗୀଙ୍କୁ ମିଳୁନି ମାସ୍କ

କରୋନା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧରେ ଡାକବାଜି ଯନ୍ତ୍ର ମାଧମରେ ଜନସଚେତନ କରାଯାଉଥିବାବେଳେ ମାସ୍କର ଅଭାବ ଦେଖିବାକୁ ମିଳିଛି। ଡାକ୍ତର, କର୍ମଚାରୀ ମାନେ ମାସ୍କ ବ୍ୟବହାର କରୁଥିବାବେଳେ ରୋଗୀଙ୍କ ପାଇଁ ମିଳୁନି। ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବଜାରରେ ରହିଥିବା ଘରୋଇ ମେଡିସିନ ଷ୍ଟୋର ଗୁଡ଼ିକରେ ମଧ ମାସ୍କର ଅଭାବ ଦେଖିବାକୁ ମିଳିଛି। ଗୋଟିଏପଟେ ମାସ୍କ ବ୍ୟବହାର ପାଇଁ ଜନସଚେତନ କରାଯାଉଥିବା ବେଳେ ଅନ୍ୟପକ୍ଷରେ ଦାରିଙ୍ଗବାଡ଼ିରେ ବିଭିନ୍ନ ରୋଗୀ ଏବଂ ପ୍ରସୁତୀ, ଗର୍ଭବତୀଙ୍କ ପାଇଁ ମାସ୍କ ଅଭାବ ଦେଖାଯାଇଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ବଂଶୀଧର ପାତ୍ର କହିଛନ୍ତି ଯେ, ରୋଗୀ କଲ୍ୟାଣ ସମିତି ବୈଠକ କରି ଅନୁଦାନ ଖର୍ଚ୍ଚ କରି ମାସ୍କ କିଣିବେ ବୋଲି କହିଛନ୍ତି।

### ଚର୍ଚ୍ଚରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ରାଇକିଆ,୧୩।୩(ଡି.ଏନ.ଏ)**

ରାଇକିଆ ବ୍ଲକ ମଣ୍ଡାକିଆ ପଞ୍ଚାୟତର ବୁଡାମାହା ବିଲିଭର୍ସ ଚର୍ଚ୍ଚରୁ ଗୁରବାର ରାତିରେ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ଶୁକ୍ରବାର ରାଇକିଆ ଥାନାରେ ଅଭିଯାଗ ହୋଇଛି। ଚର୍ଚ୍ଚରେ ଥିବା ଅଡିଓ ପ୍ଲେୟାର, କ୍ୟାସିଓ ମ୍ୟୁଜିକ୍ କିବୋର୍ଡ, ଆମ୍ପ୍ଲିଫେୟାର ଆଦି ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ବିଲିଭର୍ସ ଚର୍ଚ୍ଚ ତରଫରୁ ଲିଖିତ ଅଭିଯୋଗ ହୋଇଛି। ତଦନ୍ତ ପରେ ଅଭିଯୋଗ ନେଇ ସମ୍ପୂର୍ଣ୍ଣ ତଥ୍ୟ ଜଣା ପଡିବ ବୋଲି ରାଇକିଆ ଥାନା ଅଧିକାରୀ ଅଲେଖ ଗରଡିଆ କହିଛନ୍ତି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଫିରିଙ୍ଗିଆ, ୧୩।୩**

ଏକ ମିଶନାରୀରେ ରହି ପାଠ ପଢୁଥିବା ଜଣେ ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରି ନେଇଥିବା ଫିରିଙ୍ଗିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୩/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି। ଯୁବକ ଜଣକ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, କ.ନୂଆଗାଁ ବ୍ଲକ ଅଞ୍ଚଳର ସମ୍ପୃକ୍ତ ନାବାଳିକା ଏବଂ ଯୁବକ (୨୨) ଏକ ମିଶନାରୀରେ ରହି ପଢୁଥିଲେ। ସେଠାରେ ଉଭୟଙ୍କ ମଧରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ପୂର୍ବେ ଯୁବକ ଜଣକ ନାବାଳିକାଙ୍କୁ ତାଙ୍କ ଘରକୁ ନେଇ ଯାଇଥିଲେ। ନାବାଳିକାଙ୍କ ବାପା ଖବରପାଇ ଗୁରୁବାର ଝିଅଙ୍କୁ ଉଦ୍ଧାର କରିବା ପରେ ଥାନାରେ ଏତଲା ଦେଇଥିଲେ।

## ଭାଗନେବେ ଶେରଗଡ଼ର ଦେବାଶିଷ

**ଶେରଗଡ଼,୧୩।୩(ଡି.ଏନ୍.ଏ.)**

### ଫେଡେରେଶନ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା



ଦେବାଶିଷ ମହାନ୍ତି।

ଶେରଗଡ଼ ଥାନା ଅଧିନରେ ହୋମଗାର୍ଡ ଭାବେ କାମ କରୁଛନ୍ତି ପାଇକସାହିର ଦେବାଶିଷ ମହାନ୍ତି। ପୋଲିସ ବିଭାଗ ତାଙ୍କ ପ୍ରତିଭା ଜାଣିବାପରେ ଗତ କିଛିମାସ ହେବ ଭୁବନେଶ୍ୱରର ଏକ ଭାରୋତ୍ତୋଳନ ତାଲିମ କେନ୍ଦ୍ରରେ ତାଲିମ ବ୍ୟବସ୍ଥା କରିଛନ୍ତି। ସେଠାରେ ସେ ଏବେ ତାଲିମ ନେଉଛନ୍ତି। ଆସନ୍ତା ୧୪ରୁ ୧୭ ପର୍ଯ୍ୟନ୍ତ ଦିଲ୍ଲୀଠାରେ ଅନୁଷ୍ଠିତ ଭାରୋତ୍ତୋଳନ ଫେଡ଼େରେସନ କପ୍‌ରେ ଦେବାଶିଷ ଭାଗନେବେ। ଦେବାଶିଷଙ୍କୁ ମିଶାଇ ଏକ ୧୦ଜଣିଆ ଟିମ୍ ଦିଲ୍ଲୀ ଗସ୍ତ କରିଛନ୍ତି। ହୋମ୍‌ଗାର୍ଡ ରମେଶ ମହାନ୍ତିଙ୍କ ପୁଅ ଦେବାଶିଷ ପୂର୍ବରୁ କେରଳ କୋୟମ୍ବାଟୁରରେ ଏକ ଶକ୍ତି ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଏହି ସଫଳତା ପାଇଁ ଶେରଗଡ଼ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ, ବିଜୁ ପଟ୍ଟନାୟକ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଗୌରହରି ବିଷୋୟୀ, ସାମାଜିକ କର୍ମୀ ଦୁର୍ଗା ମାଧବ ବିଷୋୟୀଙ୍କ ସମେତ ଶେରଗଡ଼ବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ, ୧୩।୩**

ଫୁଲବାଣୀ ଆଦର୍ଶ ଥାନା ଅନ୍ତର୍ଗତ ସାଲୁଙ୍କୀ ନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେହେଲେ ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ସେସ୍କାଯୋଡି ଗ୍ରାମର ସରୋଜ କୁମାର ଭୁକ୍ତା(୧୮)। ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ଘଟିଥିବା କେହି କହୁଥିବାବେଳେ ତାଙ୍କ ବାପା ଫିଟ୍‌ସ୍ ଥିଲା ବୋଲି କହିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ଗତ ୪ ତାରିଖରେ ଘରେ କାହାକୁ ନ ଜଣାଇ କେତେଜଣ ଯୁବକଙ୍କ ସହ ସରୋଜ ସାର୍ତ୍ତାଗୁଡା ପାଖରେ ଏକ ଇଟା ଭାଟିରେ କାମ କରିବାକୁ ଆସିଥିଲେ। ଗୁରୁବାର ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ସେଠାରେ ପଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ସହ ନଂ.୧୦/୨୦ରେ ମାମଲା ରୁଜୁ କରଛି।

## ତାରାତାରିଣୀ ପୀଠରେ ବିଜେଡି ମହିଳା ସମାବେଶ



ମହିଳା ସମାବେଶରେ ଉପସ୍ଥିତ ବିଜେଡି ନେତ୍ରୀ ଓ ଅନ୍ୟମାନେ।

**ପୁରୁଷୋତ୍ତମପୁର,୧୩।୩(ଡି.ଏନ.ଏ.)**

ଗଞ୍ଜାମ ଜିଲାର ପ୍ରସିଦ୍ଧ ମା' ତାରାତାରିଣୀଙ୍କ ପୀଠରେ ବିଜେଡିର ବିଶାଳ ମହିଳା ସମାବେଶ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସଂଯୋଜନାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ଗଞ୍ଜାମ ଜିଲା ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳେଇ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଆସ୍କା ଏମ୍‌ପି ପ୍ରମିଳା ବିଷୋଇ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ଉପାଧକ୍ଷା ସ୍ନେହଲତା ପଣ୍ଡା, ବ୍ଲକ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ଉପାଧକ୍ଷା ବବିତା ରାଉଳ, ସିତାରାମ ପାଣିଗ୍ରାହୀ, ଦୈତାରୀ ବେହେରା, ଏନ୍‌ଏସି ମହିଳା ବିଜେଡି ସଭାନେତ୍ରୀ ଅଞ୍ଜଳି ସାହୁ, ବ୍ଲକ ବିଜେଡି ସଭାପତି ଦିଗାମ୍ବର ପାଣିଗ୍ରାହୀ, ଜିଲା ବିଜେଡି ଉପସଭାପତି ଗୌରିଶଙ୍କର ରାଉଳ, ପ୍ରଭାତ କୁମାର ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ଗୌଡଙ୍କ ସମେତ ବହୁ ଜିଲା ସ୍ତରୀୟ ନେତାମାନେ ଯୋଗଦେଇ ମହିଳାଙ୍କ ଲାଗି ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନାମାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମହିଳାମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ସମ୍ମାନ ଦେବାଲାଗି ଦାବି କରିଥିଲେ।

## କୁଲାଡ଼ ଆନ୍ଧ୍ରବ୍ୟାଙ୍କରେ ଠକେଇ ନେଇ ଏତଲା

**ଭଞ୍ଜନଗର,୧୩।୩(ଡି.ଏନ୍.ଏ.)**

- ମାମଲା ରୁଜୁକରି ପୋଲିସର ତଦନ୍ତ
- ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ, ବନ୍ଧକ ସୁନା ସିଲ୍

ବ୍ୟାଙ୍କ ଠକେଇ ଯୋଗୁ ଦେଶରେ ଗୋଟିଏ ପରେ ଗୋଟିଏ ଜାତୀୟ ଓ ଘରୋଇ ବ୍ୟାଙ୍କ ଦେବାଳିଆ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ଆର୍ଥିକ ବୋଝ କମାଇବା ସହ ଅନ୍ୟାନ୍ୟ କାରଣରୁ ଆନ୍ଧ୍ର ବ୍ୟାଙ୍କ ସମେତ ୩ ବ୍ୟାଙ୍କକୁ ଏପ୍ରିଲ ମାସରେ ମିଶ୍ରଣ କରିବେ। ଏହାପୂର୍ବରୁ ଗଞ୍ଜାମ ଜିଲା କୁଲାଡ଼ ଆନ୍ଧ୍ର ବ୍ୟାଙ୍କ ନାମରେ ବିଗତ ୩ମାସ ହେବ ଗ୍ରାହକଙ୍କ ନାନା ସନ୍ଦେହ ଓ ଅଭିଯୋଗ ଆସୁଛି। ବ୍ୟାଙ୍କରେ ସୁନା ବନ୍ଧକରେ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ପ୍ରଚାର ହେଉଥିଲା। ଶେଷରେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜଆଡୁ ଗୁରୁବାର ରାତିରେ ଭଞ୍ଜନଗର ଥାନାରେ ବନ୍ଧକ ରଖାଯାଇଥିବା ସୁନାରେ ଠକେଇ ହୋଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ.୪୫୦/୨୦) ରୁଜୁକରି ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ତଦନ୍ତ କରିଥିଲା। କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଣେ ସୁନା କାରିଗରଙ୍କ ବାସଭବନରୁ ଜବତ କରିଛି। ଏଥିସହ ଏହି ମାମଲାରେ ୨ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ଏନେଇ ଥାନା ଅଧିକାରୀ ସୁଦୀପ୍ତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗ ପ୍ରକାରେ ଘଟଣାର ତଦନ୍ତ ଚାଲିଛି। ବ୍ୟାଙ୍କରେ ବନ୍ଧକ ରଖାଯାଇଥିବା ସୁନା ସ୍ଥାନରେ ପିତଳ ରଖାଯାଇଛି ନଚେତ କମ୍ କ୍ୟାରେଟ୍ ସୁନା ରଖାଯାଇ ୨୨ କ୍ୟାରେଟ ସୁନାର ଟଙ୍କା ଗ୍ରାହକ ନେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିରେ ବ୍ୟାଙ୍କ କର୍ମଚାରୀ ସମେତ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ପ୍ରଚାର ହେଉଛି। ଅଭିଯୋଗ ଆସିବା ପରେ ବନ୍ଧକ ସୁନା ଅଳଙ୍କାରକୁ ସିଲ୍ କରି ଦିଆଯାଇଥିବାବେଳେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ବିଗତ କିଛିଦିନ ହେବ ବ୍ୟାଙ୍କ ଗସ୍ତରେ ଆସି ଘଟଣାର ବାରମ୍ବାର ତଦନ୍ତ ଚଳାଇଛନ୍ତି। ଏନେଇ କୁଲାଡ଼ ଆନ୍ଧ୍ରବ୍ୟାଙ୍କ ଶାଖା ପରିଚାଳକଙ୍କ ମତାମତ ନେବାପାଇଁ ଉଦ୍ୟମ କରାଯାଇଥିଲା କିନ୍ତୁ ସେ ତାଙ୍କ ମୋବାଇଲ ଫୋନ ଉଠାଇନଥିବାରୁ ମତାମତ ନିଆଯାଇପାରିନାହିଁ।

## ଟଙ୍କା ନଦେବାରୁ ଭଉଣୀଙ୍କୁ ହତ୍ୟା ଉଦ୍ୟମ

**ଫୁଲବାଣୀ ଅଫିସ, ୧୩।୩**

ନିଶା ଖାଲି ମଣିଷକୁ କୁପଥଗାମୀ କରେନାହିଁ, ଆତ୍ମୀୟ ସ୍ୱଜନଙ୍କୁ ମଧ ଛାଡେନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ଫୁଲବାଣୀ ସହର ପେଞ୍ଜିସାହିରେ ଦେଖିବାକୁ ମିଳିଛି। ମଦ ପାଇଁ ଟଙ୍କା ନଦେବାରୁ ଶୁକ୍ରବାର ଭଉଣୀ ତଣ୍ଟି ଚିପି ମାରିବାକୁ ଉଦ୍ୟମ କରିଛନ୍ତି ୨ ଭାଇ। ଦୁଇ ଭାଇଙ୍କ ମଧରେ ଜଣେ ନାବାଳକ ଅଛନ୍ତି। ବାପାଙ୍କ ଅଭିଯୋଗକ୍ରମେ ଆଦର୍ଶ ଥାନା ପୋଲିସ ଜଣେ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିଷ ବୋର୍ଡ(ବାଳ ନ୍ୟାୟିକ ସମିତି)ରେ ହାଜର କରିଛି। ସୂଚନା ଅନୁଯାୟୀ, ପେଞ୍ଜିସାହିର ଜଣେ ବ୍ୟକ୍ତି ତାଙ୍କ ଝିଅ(୧୬)ଙ୍କୁ କିଛି ଟଙ୍କା ରଖିବା ପାଇଁ ଦେଇଥିଲେ। ଏ ବିଷୟରେ ତାଙ୍କ ଦୁଇ ପୁଅ ଜାଣିଥିଲେ। ମଦ ପିଇବା ପାଇଁ ସେଥିରୁ କିଛି ଟଙ୍କା ଦେବାକୁ ଦୁଇ ଭାଇ ଭଉଣୀଙ୍କୁ ମାଗିଥିଲେ। ମାତ୍ର ସେ ଦେବାକୁ ମନା କରିଦେବାରୁ ତାଙ୍କ ତଣ୍ଟି ଚିପି ମାରିବାକୁ ଉଦ୍ୟମ କରିଥିଲେ। ଝିଅର ପାଟି ଶୁଣି ବାପା ପହଞ୍ଚି ଦୁଇ ପୁଅଙ୍କ କବଳରୁ ତାଙ୍କୁ ରକ୍ଷା କରିଥିଲେ।

## ମହାମାୟୀ ଯାତ୍ରା ପ୍ରସ୍ତୁତି ବୈଠକ

**କବିସୂର୍ଯ୍ୟନଗର,୧୩।୩**

ମହାମାୟୀ ଯାତ୍ରା ଆସନ୍ତା ଏପ୍ରିଲ ୨୯ରେ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ଅଧକ୍ଷତାରେ ତହସିଲ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତହସିଲଦାର ପ୍ରକାଶ ଚନ୍ଦ୍ର ମିଶ୍ର, ଆଇଆଇସି ପ୍ରଭାତ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଅଜିତ କୁମାର ପ୍ରଧାନ ପ୍ରମୁଖ ପ୍ରଶାସନିକ ଅଧିକାରୀ ଯୋଗଦେଇ ଥିଲେ। ବୈଠକରେ ଟ୍ରାଫିକ ସମସ୍ୟା ଓ ପାନୀୟ ଜଳ, ବିଦ୍ୟୁତ୍, ରାସ୍ତା ପ୍ରଶସ୍ତିକରଣ, ଶୌଚାଳୟ ଆଦି ଉପରେ ଆଲୋଚନା ହୋଇଥିଲା। ହେଲେ କରୋନା ଭୟରେ ଯାତ୍ରା ଘୁଞ୍ଚାଇ ଦିଆଯାଇପାରେ ବୋଲି ପ୍ରକାଶ କରିଛନ୍ତି। ଦେଶୀ ବେହେରା ସାହିକୁ ପାନୀୟ ଜଳ ଆସୁନଥିବା ଅଭିଯୋଗ ହୋଇଥିଲା। ତେବେ ଯାତ୍ରା ପୂର୍ବରୁ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଶେଷ ହେବ। କିନ୍ତୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବିତ ହେବ ବୋଲି ଉଭୟେ ଜିଲାପାଳ ଓ ଉପ ଜିଲାପାଳ ଗସ୍ତ ସମୟରେ କହିଥିଲେ।



ଉପଜିଲାପାଳ ଆଲୋଚନା କରୁଛନ୍ତି।

## ଆବର୍ଜନା ଗାଡ଼ିକୁ ଅଟକାଇଲେ ପେଞ୍ଜିସାହିବାସୀ

**ଫୁଲବାଣୀ ଅଫିସ, ୧୩।୩**



ରାସ୍ତା ଉପରେ ଲୋକେ ଗାଡିକୁ ଅଟକାଇଛନ୍ତି।

- ୩ ଦିନ ହେଲା ନାଳରେ ପଡିଛି ମୃତଗୋରୁ
- ୪ ଦିନ ମଧରେ ନୂତନ ଡମ୍ପିଂୟାର୍ଡ ଚିହ୍ନଟ ନିଷ୍ପତ୍ତି

ଫୁଲବାଣୀ ପୌର ପରିଷଦ ଉପରେ ପୁଣି ଅସନ୍ତୋଷ ଜାହିର କରିଛନ୍ତି ପେଞ୍ଜିସାହି ଲୋକେ। ଶୁକ୍ରବାର ନାଳରେ ଅବର୍ଜନା ପଡୁଥିବା ଏବଂ ମଲା ଗୋରୁକୁ ପୌର ପରିଷଦ କାଢୁ ନ ଥିବାରୁ ସାହିଲୋକେ ଏକତ୍ରିତ ହୋଇଥିଲେ। ସେଠାକୁ ଆବର୍ଜନା ପକାଇବାକୁ ଆସିଥିବା ଗାଡିକୁ ସତସଙ୍ଗ ବିହାର ପାଖରେ ପ୍ରାୟ ଦୁଇ ଘଣ୍ଟା ଅଟକାଇ ରଖିଥିଲେ। ବାଧହୋଇ ଡ୍ରାଇଭର ଆବର୍ଜନା ଗାଡି ଫେରାଇ ନେଇଥିଲେ। ଏହାପରେ ସମସ୍ତେ ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ପରେ ପୌର ପରିଷଦ ପକ୍ଷରୁ ମୃତ ଗୋରୁ ନାଳରୁ କଢ଼ା ଯାଇଛି। ପେଞ୍ଜିସାହି ପାଖ ଦେଇ ଯାଇଥିବା ନାଳରେ ଗୋଟିଏ ମୃତ ବଳଦ ପଡି ପଚି ଗଲାଣି। ଦୁର୍ଗନ୍ଧରେ ଚାରିଆଡେ ଫାଟି ପଡୁଛି। ଏହି ନାଳ ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପୌର ପରିଷଦକୁ ଅବଗତ କରିଥିଲେ ସୁଦ୍ଧା ତିନି ଦିନ ପରେ ବି ମୃତ ଗୋରୁକୁ କଢା ଯାଉନାହିଁ। ନାଳକୁ ନିତ୍ୟକର୍ମ ପାଇଁ ଲୋକେ ଯାଇପାରୁନାହାନ୍ତି। ଏହି ନାଳ ଆମର ଜୀବନ ଧାରା। ଏସବୁ ଜାଣିବା ପରେ ବି ପୌର ପରିଷଦ ଏଠାରେ ଆଣି ଅଳିଆ ପକାଉଛି। ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ତୁରନ୍ତ ନାଳ ସଫା କରିବା ସହ ଅଳିଆ ନ ପକାଇବାକୁ ସାମାଜିକ କର୍ମୀ ଜନବାଦୀ ଗୌଡ, ସୁଲୋଚନା ମୁଖି, ପଦ୍ମାବତୀ କହଁର, ପ୍ରମୋଦ ଭୋଇ, ରାମଚନ୍ଦ୍ର ପୋଡ, ଜମ୍ବୁବତୀ ବର୍ଗାତୀ, ନେତ୍ର ସେଠୀ, ତୁଳସୀ ଭୋଇ, ସୀତା କହଁର ପ୍ରମୁଖ ଦାବି କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରା ୪ ଦିନ ମଧରେ ଆମେ ନୂତନ ସ୍ଥାନ ଠିକ୍‌କରି ନାଳ ନିକଟରେ ଆଉ ଆବର୍ଜନା ପକାଇବୁ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ପେଞ୍ଜିସାହିର ମଶାଣୀ ସ୍ଥାନ ଏବଂ ଏହି ନାଳକୁ ନେଇ ଲୋକଙ୍କ ମଧରେ ଦୀର୍ଘ ଦିନ ହେବ ଅସନ୍ତୋଷ ବଢ଼ି ଚାଲିଛି। ଗୁରୁବାର ସାହିବାସିନ୍ଦା ବୈଠକ କରି ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ।

